# ପିକକ୍ ଶିଶୁମେଳାର ଚତୁର୍ଥ ସଂନ୍ଧ୍ୟା
# "ପିଲାଙ୍କ ଅକ୍ଷୟ ସମ୍ମାନ"
# ପିଲାଙ୍କ କଣ୍ଠରେ ଅକ୍ଷୟ ସଙ୍ଗୀତରେ ଝୁମିଲେ ଶ୍ରୋତା
# ଶିଶୁ କଣ୍ଠଶିଳ୍ପୀ ସିଦ୍ଧିସ୍ମା ବିନ୍ଧାଣି ଙ୍କୁ ପିଲାଙ୍କ ଅକ୍ଷୟ ସମ୍ମାନ – ୨୦୨୪

ଭୁବନେଶ୍ୱର ୧୭-୧୧ - ପିକକ୍ ଶିଶୁମେଳାର ଚତୁର୍ଥ ସଂନ୍ଧ୍ୟାକୁ ଉତ୍ସର୍ଗ କରଯାଇଥିଲା ବିଶିଷ୍ଟ ସଙ୍ଗୀତଜ୍ଞ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ । ପିଲାମାନଙ୍କ କଣ୍ଠରେ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ଗୀତଗୁଡିକର ପରିବେଷଣ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଦୀର୍ଘ ସମୟ ଧରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲା ।

ଏହି ଗୀତଗୁଡିକ ମଧ୍ୟରେ ଥିଲା ଭସା ମେଘ ମୁଜେ..., ଫୁଲେଇ ରାଣୀ ସଜ ଫୁଲ...., ମାୟାବିନୀ ବନ ଯୋସ୍ନା..., ଏ ଏ ଏ ଆଲୋ ଆଲୋ ମଣି ..., ନିଦ ଏକ ଫୁଲ ବନ ..., ସାବି ସାବି ତୁ ତ..., ଝୁମୀ ଝୁମୀ ଆସେ ରାତି..., ଦରିଆ କୂଳେ ବସି ଦରିଆ ସେପାରିରୁ..., ଫୁର କିନା ଉଡିଗଲା ବଣି...., ପୁଣ୍ୟର ନଦୀ ତୀରେ...ଶିକାରୀ ଶିକାରୀ...ହେ ଫଗୁଣ ତୁମେ ..., ଇତ୍ୟାଦି । କଣ୍ଠଶିଳ୍ପୀ ମାନେ ଥିଲେ ଶାଶ୍ୱତୀ ନାରାୟଣୀ, ଦିବ୍ୟେନ୍ଦୁ, ସିଦ୍ଧିସ୍ମା, ଦୀଶ୍ମା ଦିବ୍ୟାଂଶୀ, ଦେବ୍ମାଶୁ, ଆରାଧ୍ୟା, ପ୍ରତ୍ୟୁଷ, ସାଇଶ୍ରୀ, ଅଂଶିକା, ଅନ୍ୱେଶା ଓ ଶ୍ରୀହାଂସିଶ। ଆଜିର କାର୍ଯ୍ୟକ୍ରମକୁ ପିକକ୍ ଓ ରୋଟାରୀ କ୍ଲବ, ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଆୟୋଜନ କରଯାଇଥିଲା। ବାଦ୍ୟଜନ୍ତ୍ରରେ ସହଯୋଗ କରିଥିଲେ ଶ୍ରୀ ଶରତ କୁମାର ପାଣି, ଶିବ ନାରାୟଣ ମହାନ୍ତି, କିଶୋର କୁମାର ନାୟକ ଓ ରାକେଶ କୁମାର ଜେନା। ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ମଧ ଆଜି ପୁରସ୍କୃତ କରଯାଇଥିଲା ।

**ଶିଶୁ କଣ୍ଠଶିଳ୍ପୀ ସିଦ୍ଧିସ୍ମା ବିନ୍ଧାଣି ଙ୍କୁ "ପିଲାଙ୍କ ଅକ୍ଷୟ ସମ୍ମାନ – ୨୦୨୪" ରେ ପୁରସ୍କୃତ କରଯାଇଥିଲା ।**

ମୁଖ୍ୟ ଅତିଥି ଭାବେ ବରିଷ୍ଠ କଣ୍ଠଶିଳ୍ପୀ ଶ୍ରୀଯୁକ୍ତ ଦେବାଶିଷ ମହାପାତ୍ର ପିକକ୍ ର ଏହି ଉଦ୍ୟମ କୁ ପ୍ରଶଂସା କରି ଏହି କାର୍ଯ୍ୟକ୍ରମ ରେ ପୁନଃର୍ବାର ଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ପାଳିତ, ଶ୍ରୀମତୀ ବନ୍ଦିତା ଦାସ, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କର ସ୍ମୃତି ଚାରଣ କରିଥିଲେ । ଅନ୍ୟ ବିଶିଷ୍ଟ ବ୍ୟକ୍ତି ମଧ୍ୟରେ ଟାଇମସ୍ ଅଫ ଇଣ୍ଡିଆର ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପ୍ରଧାନ, ରୋଟାରିଆନ ଓ ହର୍ବାଜ ହର୍ବାଲର ସଭାପତି ଓ ସିଇଓ ଦିବ୍ୟରଞ୍ଜନ ଦାଶ, ବରିଷ୍ଠ ସାମ୍ବାଦିକ ଯତୀନ୍ଦ୍ର ଦାଶ, ରୂପକ ମହାପାତ୍ର , ଡିପିଏମ, ଏନଆରଏଚଏମ ପ୍ରମୁଖ ଯୋଗଦେଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ପିକକ୍ ର ଅଧକ୍ଷା ଡଃ ମୀନାକ୍ଷୀ ପଣ୍ଡା, ସମ୍ପାଦକ ରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପିକକ୍ ର ରତ୍ନା ଦାଶ, ଅଳ୍ପନା ଦାସ, ପାଣ୍ଡୁ ବେହେରା, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜିର କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ .ଆରୁଶି ଅଦ୍ରିକା ଓ ହର୍ଶାଳି ଡୋରା।

**<u>ପିକକ୍ ଶିଶୁମେଳା ପଞ୍ଚମ ଦିବସ ତାରିଖ – ୧୮- ୧୧ – ୨୦୨୪ କାର୍ଯ୍ୟସୂଚୀ, ସ୍ଥାନ – ଏକାମ୍ର ହାଟ ଆମ୍ଫି ଥିଏଟର</u>**

**ଆବୃତି ପ୍ରତିଯୋଗୀତା (ନର୍ସରୀ ରୁ ପ୍ରଥମ ଶ୍ରେଣୀ) – ଅପରାହ୍ଣ ୪:୦୦ ଘଟିକା**
**ଥିଏଟର ଉତ୍ସବ ଓ ପୁରସ୍କାର ବିତରଣ –ସନ୍ଧ୍ୟା ୭.୦୦ ଘଟିକା**